ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର – ୭୫୧୦୦୩

Dr. T. R. Mohanty
Nodal Officer

**ସପ୍ତାହ –୪୯**

ନ.- ୧୨୧୬ (ଓଡିଆ ବୁଲେଟିନ)
ତାରିଖ- ୦୫ .୧୨ .୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଖୋର୍ଦ୍ଧା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୯.୧୧.୨୦୨୫ ରୁ ୦୫.୧୨ .୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 29.3 | 16.7 | Nil |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୬.୧୨ . ୨୦୨୫ ରୁ ୧୦ .୧୨ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ & ଆକାଶର ସ୍ଥିତି | ପାଗ ଶୁଖିଲା ଓ ଆକାଶ ଆଂଶିକ ମେଘୁଆ | ପାଗ ଶୁଖିଲା ଓ ଆକାଶ ଆଂଶିକ ମେଘୁଆ | ପାଗ ଶୁଖିଲା ଓ ଆକାଶ ଆଂଶିକ ମେଘୁଆ | ପାଗ ଶୁଖିଲା ଓ ଆକାଶ ଆଂଶିକ ମେଘୁଆ | ପାଗ ଶୁଖିଲା ଓ ଆକାଶ ଆଂଶିକ ମେଘୁଆ |
| ସର୍ବାଧିକ ତାପମାତ୍ରା (°C) | 29 | 29 | 29 | 29 | 29 |
| ସର୍ବନିମ୍ନ ତାପମାତ୍ରା (°C) | 13 | 13 | 13 | 13 | 12 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | 68 | 65 | 65 | 64 | 63 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | 32 | 28 | 29 | 27 | 29 |
| ପବନର ବେଗ (କି.ମି./ଘ.) | 9 | 7 | 7 | 7 | 6 |
| ପବନର ଦିଗ | 18 | 6 | 346 | 345 | 349 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୬ ରୁ ୦୯ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ୨୯ ଡିଗ୍ରୀ ସେଲସିଅସ ଓ ୧୨ ରୁ ୧୩ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ❖ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି ।
- ❖ ଅମଳ ପରେ ଧାନକୁ ଭଲଭାବେ ଖରାରେ ୩ ରୁ ୪ ଦିନ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨% ଆଦ୍ରତା ଓ ଖାଇବା ଉପଯୋଗୀ ପାଇଁ ୧୪% ଆଦ୍ରତା ରହିବା ଆବଶ୍ୟକ ।
- ❖ କମ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନ ରହିଛି । ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ ।
- ❖ ବର୍ତମାନ ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପୋଲିଥିନ ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- ❖ ଆଖୁ ଫସଲ କୁ ଜମି ପତନ ଠାରୁ ଏକ ଇଞ୍ଚ ତଳକୁ, ଯେପରକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ ,ସେହିପରି କାଟିଲେ ମୂଳି ଆଖୁ ଭଲ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ ।
- ❖ ସକାଳ ଓ ସନ୍ଧ୍ୟା ସମୟରେ ରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ ।
- ❖ ରବି ପନିପରିବା ରେ ଘାସ ବାଛି କୋଡା ଖୋସା କରନ୍ତୁ ।
- ❖ କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ ।
- ❖ ଶୀତ ଋତୁ ରେ ଅଧିକ ଥଣ୍ଡା ସମୟ ରେ ଗାଈ ଗୁହାଳ ରେ ପୋଲିଥିନ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ଅମଳ ପରବର୍ତୀ ଅବସ୍ଥା | ❖ <u>ସାଇତା କୀଟ-</u><br>ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠୋରୀରେ ପୋକ ଦେଖା ଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ ) କନା ରେ ଗୁଡାଇ ରଖନ୍ତୁ ।ଏହା ପରେ ଭଲ ଭାବରେ ତରପୋଲୀନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କ ଜାଗା ନ ରୁହେ । ଯଦି କୋଠୋରୀ ର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠୋରୀ ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ । |
| ମୁଗ ଓ ବିରି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ମୁଗ ଓ ବିରି ଫସଲ ରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି Sulphur 80% WP @ ୮୦୦ ଗ୍ରାମ କିମ୍ବା Hexaconazole ୫% E.C @ ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ <u>ପତ୍ର ସୁଡଙ୍ଗୀ ପୋକ</u><br>ଚିନାବାଦାମ ଫସଲ ରେ ପତ୍ର ସୁଡଙ୍ଗୀ ପୋକ ଲାଗିବାର ସମ୍ଭାବନା ଅଛି ।ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି Profenophos ୫୦% EC @ ୪୦୦ ମିଲି କିମ୍ବା Chlorpyriphos ୫୦% + Cypermethrin ୫ % E.C @ ୪୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଆଖୁ | ପାକଳ ଅବସ୍ଥା | ❖ ଆଖୁ ଫସଲକୁ ଜମି ପତନ ଠାରୁ ଏକ ଇଞ୍ଚ ତଳକୁ, ଯେପରକି ମାଟି ଉପରକୁଖୁଣ୍ଟା ଦେଖାଯିବ ନାହିଁ , ସେହିପରି କାଟିଲେ ମୂଳି ଆଖୁ ଭଲ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ । |
| ଆଳୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଆଳୁ ଫସଲ ରେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ । ହୁଡା ଚଉଡା ଓ ମଜବୁତ ରଖନ୍ତୁ । ମାଟିର କିସମ ଓ ବତର ଦେଖି ସିଆର ରେ ପ୍ରତି ୭ ରୁ ୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ ।ସିଆର ରେ ଜଳସେଚନ କରିବା ସମୟ ରେ ହୁଡା ର ୨/୩ ଅଂଶ ବୁଡିବା ପର୍ଯ୍ୟନ୍ତ ପାଣି ଦିଅନ୍ତୁ । |
| ବାଇଗଣ | ଅଙ୍ଗୀୟ ଅଭିବୃଦ୍ଧି – ଫଳ ଧରିବା ଅବସ୍ଥା | ❖ <u>ପତ୍ର ଖିଆ ଓ ଫଳ ବିନ୍ଧା ପୋକ</u><br>ବାଇଗଣ ରେ ପତ୍ର ଖିଆ ଓ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି Emamectin benzoate @ ୮୦ ଗ୍ରାମ କିମ୍ବା Spinosad @ ୮୦ ମିଲି , ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

| | | |
|---|---|---|
| ଲଙ୍କାମରିଚ | ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ଜଉ ପୋକ ଓ ପତ୍ର ଉକୁଣି ପୋକ<br>ଲଙ୍କାମରିଚ ଫସଲ ରେ ବର୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥା ରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenpyroximate ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| କଦଳୀ | ଲଗାଇବା ଅବସ୍ଥା | ❖ ନଭେମ୍ବର ମାସ ହେଉଛି ବାମନ କଦଳୀ ଲଗାଇବାର ପ୍ରକୃଷ୍ଟ ସମୟ । କ୍ୟାଭେଣ୍ଡିସ ଓ ରୋବଷ୍ଟା ଆଦି କିସମ ୨ X ୨ ମିଟର ଦୂରତା ରେ ୦.୫ X ୦.୫ X ୦.୫ ମିଟର ଗାତ କରି ଲଗାନ୍ତୁ । ୩୦୦ ରୁ ୪୦୦ ଗ୍ରାମ ଓଜନ ର ରୋଗ ବିହୀନ ପୁଆ କିମ୍ବା ଟିସୁ କଲଚର ପୁଆ ଲଗାନ୍ତୁ । |
| ମତ୍ସ୍ୟ ସମ୍ପଦ | ❖ ଶୀତ ଋତୁ ରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି CIFAX @ ୪୦୦ ମିଲି ୪୦ ଲିଟର ପାଣି ରେ ମିଶାଇ ବିଶୋଧନ କରନ୍ତୁ । ପ୍ରତି ଦିନ ମାଛ ମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ । | |
| କୁକୁଡା | ❖ ଶୀତ ଋତୁ ରେ କୁକୁଡା ମାନଙ୍କୁ ଅଧିକ ପରିମାଣ ର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହ ରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଉଚିତ ସମୟରେ ଟୀକା କରଣ କରନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)